# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 April - 2025

### News Editor : Tapan Kumar Maharana

********************************

## ମୁଖ୍ୟ ସମ୍ବାଦ

- କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀଭାଇମାନଙ୍କ ଦ୍ୱାରା ଅକ୍ଷିମୁଠି ଅନୁକୂଳ

- ଆଗାମୀ ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ୫୧ ଲକ୍ଷ ଚାଷୀଙ୍କୁ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି କଲେ ବଣ୍ଟନ

- ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍ ଆସନ୍ତାକାଲିଠାରୁ ମୁମ୍ବାଇରେ ହେବ ଆରମ୍ଭ

ଏବଂ

- ରଥଯାତ୍ରା ପାଇଁ ଆଜିଠାରୁ ପୁରୀରେ ରଥନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ହେବ ଅନୁଷ୍ଠିତ

## ଅକ୍ଷୟ ତୃତୀୟା/ସିଏମ୍ କିଷାନ

ଆଜି ପବିତ୍ର ଅକ୍ଷୟ ତୃତୀୟା । ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟ ତିଥିକୁ ଶୁଭଦିନ ଭାବେ ଗଣନା କରାଯାଇ ଆଜି ଭିନ୍ନ ଭିନ୍ନ ଶୁଭକାର୍ଯ୍ୟର ଆରମ୍ଭ କରାଯାଇଥାଏ । କୃଷିଭିତ୍ତିକ ଏହି ପର୍ବରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଛନ୍ତି ।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଅକ୍ଷୟତୃତୀୟା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ମାନବତା ପାଇଁ ସମର୍ପିତ ଏହି ପବିତ୍ର ପର୍ବ ସମସ୍ତଙ୍କ ଜୀବନରେ ସଫଳତା, ସମୃଦ୍ଧି ଏବଂ ଖୁସି ଆଣିଦେଉ । ଯାହା ଏକ ବିକଶିତ ଭାରତର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିବ ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମ୍‌ପାଟି ପବିତ୍ର ଅକ୍ଷୟତୃତୀୟା ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, କୃଷି ଓ କୃଷକଙ୍କ ପାଇଁ ଆଜିର ଦିନ ସ୍ୱତନ୍ତ୍ର । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତବର୍ଷ ଭଲ ଫସଲ ଅମଳରେ ଚାଷୀ ଭାଇଭଉଣୀଙ୍କ ଅମାର ପରିପୂର୍ଣ୍ଣ ହେବା ସହ ରାଜ୍ୟର ସମୃଦ୍ଧି ହେଉ ।

**ଉପମୁଖ୍ୟମନ୍ତ୍ରୀ** କନକ ବର୍ଦ୍ଧନ ସିଂହଦେଓ ଆଜିର ଦିନରେ ଚାଷୀମାନଙ୍କ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ, ଚଳିତବର୍ଷ ଭଲ ଫସଲ ଅମଳ ହେବା ସହ ଚାଷୀଙ୍କ ସୁଖ, ସମୃଦ୍ଧିର ଧାରା ତ୍ୱରାନ୍ୱିତ ହେଉ ବୋଲି ସେ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ।

# ଅକ୍ଷୟ ତୃତୀୟା-ଜିଲ୍ଲା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷିମୁଠି ଅନୁକୂଳ ସହ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

**ଗଞ୍ଜାମ** ଜିଲ୍ଲା ଗୋଳନ୍ଥରାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏଥିସହିତ କୃଷିବିଜ୍ଞାନ କେନ୍ଦ୍ରର ବୈଷୟିକ ଜ୍ଞାନକୌଶଳକୁ ରାଜ୍ୟପାଳ ବୁଲି ଦେଖିଥିଲେ।

**କଟକ** ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ସମବାୟ, ବୟନ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଛନ୍ତି, ସରକାର ସର୍ବଦା କୃଷି ଓ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିଆସୁଛନ୍ତି। ଏହି ଅବସରରେ ମନ୍ତ୍ରୀ କୃଷିବିଜ୍ଞାନ କେନ୍ଦ୍ର ପରିସରରେ ଅକ୍ଷିମୁଠି ଅନୁକୂଳ କରିଥିଲେ।

**ନୟାଗଡ଼** ଜିଲ୍ଲା ନବଘନପୁରଠାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହି ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏଥିରେ ଶ୍ରୀ ମହାଲିଙ୍ଗ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ସରକାରଙ୍କ ବିଭିନ୍ନ ଚାଷୀମଙ୍ଗଳ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଚଳିତ କୃଷି ବର୍ଷରେ

ଜିଲ୍ଲାରେ ମୋଟ୍ ୧ ଲକ୍ଷ ୩୬ ହଜାର ହେକ୍ଟର ଜମିରେ ଧାନ ଚାଷ ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି ।

**ଢେଙ୍କାନାଳ** ଜିଲ୍ଲା ମହିଷାପାଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କୃଷି ଓ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ବୈପ୍ଳବିକ ପରିବର୍ତ୍ତନ ଯୋଗୁଁ ଏହା ଏକ ଲାଭଜନକ ବୃତ୍ତି ହୋଇପାରିଛି ବୋଲି କହିଛନ୍ତି। ଜୈବିକ ଚାଷକୁ ଆପଣାଇବା ପାଇଁ ଜନସାଧାରଣଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିବେଦନ କରିଛନ୍ତି ।

**ସୁବର୍ଣ୍ଣପୁର** ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ଅକ୍ଷୟତୃତୀୟା ପର୍ବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି । ଚଳିତ ଖରିଫ୍ ଋତୁରେ କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ଜିଲ୍ଲାରେ ଧାନ ସହ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଅତିରିକ୍ତ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରମ୍ପରା ଅନୁଯାୟୀ ଭୂମିପୂଜନ ଓ ଶସ୍ୟପୂଜା କରାଯାଇଥିଲା ।

## ସିଏମ୍-କିଷାନ

ଆଗାମୀ ୫ ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଯୋଗାଇଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଓୟୁଏଟିଠାରେ ରାଜ୍ୟସ୍ତରୀୟ କୃଷକ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସିଏମ୍-କିଷାନ ଯୋଜନାରେ ରାଜ୍ୟର ୫୧ ଲକ୍ଷ ଚାଷୀଙ୍କୁ ୧ ହଜାର ୨୫ କୋଟି ଟଙ୍କାର ସହାୟତାରାଶି ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ଚାଷୀମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି...

**-V/O-***(CM)*

ମୁଖ୍ୟମନ୍ତ୍ରୀ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଦ୍ୱାରା ରଚିତ କୃଷକ ସଙ୍ଗୀତ ପୁସ୍ତକ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି, କୃଷି ଓ କୃଷକଙ୍କୁ ବଜାର ଯୋଗାଇବା ସହ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବାପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି।

ସୂଚନାଯୋଗ୍ୟ ସିଏମ୍ କିଷାନ ଯୋଜନାରେ ବର୍ଷକୁ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ନୂଆଖାଇ ଓ ଅକ୍ଷୟତୃତୀୟାରେ ପ୍ରଦାନ କରାଯାଉଛି। ସେହିପରି ପିଏମ୍ କିଷାନ ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଚାଷୀଭାଇମାନଙ୍କୁ ପ୍ରଦାନ କରାଯାଉଛି।

## କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଛି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏହା ହେଉଛି ପ୍ରଥମ କ୍ୟାବିନେଟ୍ ବୈଠକ । ଆଜି ଅପରାହ୍ନରେ କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠତି ହେବ । ଆଜି ସନ୍ଧ୍ୟାରେ ମଧ୍ୟ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ ବୈଠକ ବସିବାର ସମ୍ଭାବନା ରହିଛି ।

## ୱେଭ୍ସ୍

ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍-୨୦୨୫ ଆସନ୍ତାକାଲିଠାରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇର ଜିଓ ୱାର୍ଲ୍ଡ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ର ପାଇଁ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ। ଏଥିରେ ବିଭିନ୍ନ ଅଧିବେଶନ ପ୍ରଦର୍ଶନୀ ସହିତ କଳା, ସଂଗୀତ ଏବଂ ନବସୃଜନ ମାଧ୍ୟମରେ ଭାରତର ଐତିହ୍ୟ ଏବଂ ବିଶ୍ୱ ଏକତାକୁ ପ୍ରଦର୍ଶନ କରାଯିବ।

## ରଥନିର୍ମାଣ କାର୍ଯ୍ୟ ଅନୁକୂଳ

ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟତୃତୀୟା ଅବସରରେ ଆଜି ରଥନିର୍ମାଣ କାର୍ଯ୍ୟର ଶୁଭ ଅନୁକୂଳ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପନୀତି ପରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା ନୀତି କରାଯିବ । ଏହାପରେ ମହାପ୍ରଭୁଙ୍କ ଚଳନ୍ତୀ ପ୍ରତିମା ବିମାନକୁ ବିଜେ କରିବା ସହ ରଥଖଳାକୁ ଆଜ୍ଞାମାଳ ବିଜେ କରାଯିବ । ଆଜ୍ଞାମାଳ ରଥ ଖଳାରେ ପହଞ୍ଚିବା ପରେ ପୂର୍ବରୁ ବନଯାଗ ପଦ୍ଧତିରେ ପୂଜା ପାଇଁ ରଖାଯାଇଥିବା ୩ ଖଣ୍ଡ ଧଉରା କାଠରେ କୁରାଢ଼ୀ ମାରି ରଥ ଅନୁକୂଳ ନୀତି ଅନୁଷ୍ଠିତ ହେବ । ସେହିପରି ଆଜିଠାରୁ ମଧ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବାକୁ ଥିବାବେଳେ ଏହା ୨୧ ଦିନ ଧରି ଚାଲିବ । ରଥ ଅନୁକୂଳ ନୀତି ପରେ ମହାପ୍ରଭୁଙ୍କ ଚଳନ୍ତୀ ପ୍ରତିମା ମଦନ ମୋହନ, ଭୂଦେବୀ, ଶ୍ରୀଦେବୀ ଓ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନୌକା ବିହାର କରିବେ ।

**ଭଦ୍ରକ** ଜିଲ୍ଲା ଆରଡୀର ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠରେ ଆଜିଠାରୁ ୨୧ ଦିନ ବ୍ୟାପୀ ଚନ୍ଦନଯାତ୍ରା ଆରମ୍ଭ ହୋଇଛି । ମଣିବାବାଙ୍କଠାରେ ଆଳତୀ କରାଯାଇ ପହିଲି ଘର୍ଷଣ ଭୋଗ ନୀତିକାନ୍ତି ପରେ ଚଳନ୍ତୀପ୍ରତିମା ଶ୍ରୀ ଚନ୍ଦ୍ରଶେଖରଙ୍କୁ ଶିବଗଙ୍ଗା ପୁଷ୍କରିଣୀରେ ବିଜେ କରାଯାଉଛି ।

## ଭିତରକନିକା

କେନ୍ଦ୍ରାପଡ଼ା ସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ । କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହେଉଥିବାରୁ ରାଜନଗର ବନଖଣ୍ଡ ପକ୍ଷରୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି ।

## ଶୀତଳଷଷ୍ଠୀ

**ସମ୍ବଲପୁର**ର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଜି ହେଉଛି ଆଦ୍ୟ ପର୍ବ ଥାଳଉଠା କାର୍ଯ୍ୟକ୍ରମ। ପାରମ୍ପରିକ ରୀତିନୀତି ଅନୁସାରେ, ନନ୍ଦପଡାର ବମବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଲୋକନାଥ ବାବା ଓ ମୋଦୀପଡାର ଜାଗେଶ୍ୱର ବାବାଙ୍କ ସମେତ ସମସ୍ତ ଯାତ୍ରା କମିଟିର ଆଜି ଥାଳ ଉଠିବ। ଏଥିପାଇଁ ନୀତିନିର୍ଘଣ୍ଟ ହୋଇଛି।

# ଚାର୍ ଧାମ୍ ଯାତ୍ରା

ଉତ୍ତରାଖଣ୍ଡର ଚାରିଧାମ ଯାତ୍ରା ମଧ୍ୟ ଆଜିଠାରୁ ଆରମ୍ଭ ହେଉଛି। ଆସନ୍ତା ୨ ତାରିଖରେ ଶ୍ରଦ୍ଧାଳୁ କେଦାରନାଥ ଧାମକୁ ଦର୍ଶନ ପାଇଁ ଯାଇ ପାରିବେ । ଏଥିପାଇଁ ପଞ୍ଜିକରଣ ଆରମ୍ଭ ହୋଇସାରିଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ଯୁକ୍ତ ଦୁଇ ପରୀକ୍ଷା ଫଳ

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୨ଟି ପର୍ଯ୍ୟାୟରେ ଚାଲିଥିବା ଯୁକ୍ତ ଦୁଇ ପରୀକ୍ଷାଖାତା ମୂଲ୍ୟାଙ୍କନ ଆଜି ଶେଷ ହେବ । ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ଚଳିତବର୍ଷ  ମୋଟ୍ ୩ ଲକ୍ଷ ୯୬ ହଜାର ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷା ଦେଇଥିଲେ ।

## ତାପମାତ୍ରା

ରାଜ୍ୟରେ କାଳବୈଶାଖୀର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ସମେତ ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର ଜିଲ୍ଲାର କେତେକ ସ୍ଥାନରେ ଘଡଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗିର, ନୂଆପଡା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।